# ଆଇଆଇଟିରେ ଜାତୀୟ ବିଜ୍ଞାନ ଦିବସ,

By **Zilla Khabar** March 2, 2021




ଜଟଣୀ,୦୧/୦୩(ଜିଲ୍ଲା ଖବର) : କେନ୍ଦ୍ରୀୟ ଶିକ୍ଷାନୁଷ୍ଠାନ ଆଇଆଇଟି ଭୁବନେଶ୍ୱରର ଜଟଣୀସ୍ଥିତ ଅରଗୁଲ କ୍ୟାମ୍ପରେ ଜାତୀୟ ବିଜ୍ଞାନ ଦିବସ ଆୟୋଜିତ ହୋଇଯାଇଛି । ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର ଭି ରାଜାକୁମାରଙ୍କ ଅଧକ୍ଷତାରେ ଏହି ଦିବସ ଆୟୋଜନ ହୋଇଥିଲା । ଏଥି କାର୍ଯ୍ୟକ୍ରମରେ ମୂଖ୍ୟ ଅତିଥୀଭାବେ ଏମ୍ସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ମହାପାତ୍ର ଯୋଗଦେଇ ଆଇଆଇଟି ବିଦ୍ୟାର୍ଥୀଙ୍କ ଲାଗି ଏକ ପଥ ବୋଲି କହିଥିଲେ । ବିଜ୍ଞାନ କିପରି ଏକ ଭଲ ଭବିଷ୍ୟତପାଇଁ ଜୀବନକୁ ପରିବର୍ତନ କରିବାରେ ସକ୍ଷମ ହୋଇଛି, ସେ ସମନ୍ଧରେ ବିଭିନ୍ନ ମନ୍ତବ୍ୟ ରଖିଥିଲେ । ବିଜ୍ଞାନ ମାଧମରେ ଇସ୍ରୋ ବୈଜ୍ଞାନିକମାନେ ଉପଗ୍ରହରେ ଉତକ୍ଷେପଣ କରି ଯେଉଁ ପ୍ରସଂଶା ସାଉଟିଂଛନ୍ତି, ତାହା ଅନ୍ୟଦେଶମାନଙ୍କ ପାଇଁ ଭାରତୀୟ ମହାକାଶ ବିଜ୍ଞାନରେ ନୁତନ ଯୁଗର ଦ୍ୱାର ଖୋଲିଯାଇଛି । ଆଇଆଇଟି ଭୁବନେଶ୍ୱର ନିଜର ସ୍ୱପ୍ନକୁସାକାର କରିବା ଦିଗରେ ନିରନ୍ତର କାର୍ଯ୍ୟ ଅବ୍ୟାହାତ ରହିଛି । ଏହି କାର୍ଯ୍ୟକ୍ରମ ଅବସରରେ ଆଇଆଇଟିର ଫାକଲ୍ଟିମେମ୍ବର,କର୍ମଚାରୀ ଏବଂ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହିଥିଲେ । ରୀପୋର୍ଟ ,ସଞ୍ଜୀବ କୁମାର

https://zillakhabar.com/24288/